NEED 24 NEWS
DIGITAL E-PAPER
हर खबर, हर शहर
PRGI APPLICATION UNDER PROCESS
Application No. T/GJ/2026/0619/2304/1577
GST
GSTIN 24CINPG0564Q1ZT
UDYAM REGISTERED
UDYAM-GJ-14-0003714
www.need24.digital
info@need24.in
+91 98700 06472
FOLLOW US:
तेज़ | सटीक | निष्पक्ष | जनहित में | सच की आवाज़ | जन-जन की आवाज़ | निडर पत्रकारिता



## କଟକ ନିଆଳି ପନିର୍‌ରେ ମିଶୁଛି ମଇଦା ଓ ଡିଟରଜେଣ୍ଟ , ଅପମିଶ୍ରିତ ନେଇ ସ୍ପଷ୍ଟ କଲେ KMC ସ୍ୱାସ୍ଥ୍ୟ ଅଧିକାରୀ



**କଟକ : ପ୍ରସିଦ୍ଧ ନିଆଳି ଛେନାକୁ ନେଇ ବଡ ଖବର। କଟକ ନିଆଳି ଛେନା ବା ପନିରରେ ମିଶୁଛି ମଇଦା ଓ ଡିଟରଜେଣ୍ଟ। ପନିର ଅପମିଶ୍ରିତ ନେଇ ସ...**

**Deepak Mahapatra, Cuttack।** କଟକ : ପ୍ରସିଦ୍ଧ ନିଆଳି ଛେନାକୁ ନେଇ ବଡ ଖବର। କଟକ ନିଆଳି ଛେନା ବା ପନିରରେ ମିଶୁଛି ମଇଦା ଓ ଡିଟରଜେଣ୍ଟ। ପନିର ଅପମିଶ୍ରିତ ନେଇ ସ୍ପଷ୍ଟ କଲେ KMC ସ୍ୱାସ୍ଥ୍ୟ ଅଧିକାରୀ। ହରିୟାଣା ଲ୍ୟାବ୍‌ରୁ ରିପୋର୍ଟ ମିଳିବା ପରେ ଜଣାପଡ଼ିଛି ସତ। କିଛି ଦିନ ପୂର୍ବରୁ ଜବତ ୭୩ କ୍ୱିଣ୍ଟାଲ ପନିରର ନମୁନା ଟେଷ୍ଟ ପାଇଁ ହରିୟାଣା ପଠାଯାଇଥିଲା। ଏହି ରିପୋର୍ଟ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନରଙ୍କ ହସ୍ତଗତ ହୋଇଛି। ପ୍ରାଥମିକ ତଦନ୍ତରୁ ବିପୁଳ ମଇଦା, ଡିଟରଜେଣ୍ଟ ମିଶିଥିବା ପ୍ରମାଣ ହୋଇଛି। ପନିରକୁ ସଫ୍ଟ କରିବା ପାଇଁ ଡିଟରଜେଣ୍ଟ ମିଶୁଥିଲା। ସୂଚନା ଅନୁଯାୟୀ କଟକ ମହାନଗର ନିଗମ (KMC) ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଥିବା ଚଢ଼ାଉରେ ନିଆଳି ଓ ଅଢ଼ଙ୍ଗପୁର ଅଞ୍ଚଳରୁ ଆସୁଥିବା ପ୍ରାୟ ୭୩ କ୍ୱିଣ୍ଟାଲ ଅପମିଶ୍ରିତ ପନିର ଓ ଛେନା ଜବତ କରି ନଷ୍ଟ କରାଯାଇଥିଲା ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧୭ ଲକ୍ଷ ଟଙ୍...

## ୪୫ ଦିନ ପାଇଁ ୩୫୪ଟି ଅଟୋ-ରିକ୍ସାର ପରମିଟ୍ ବାତିଲ୍ କଲା ପରିବହନ ବିଭାଗ



**ଭୁବନେଶ୍ୱର : ରାଜ୍ୟ ପରିବହନ ବିଭାଗ ପକ୍ଷରୁ ୩୫୪ଟି ଅଟୋ-ରିକ୍ସାର ପରମିଟ୍‌କୁ ୪୫ ଦିନ ପାଇଁ ବାତିଲ କରାଯାଇଛି। ଭୁବନେଶ୍ୱର ମାଷ୍ଟର...**

**Deepak Mahapatra, Bhubaneswar।** ଭୁବନେଶ୍ୱର : ରାଜ୍ୟ ପରିବହନ ବିଭାଗ ପକ୍ଷରୁ ୩୫୪ଟି ଅଟୋ-ରିକ୍ସାର ପରମିଟ୍‌କୁ ୪୫ ଦିନ ପାଇଁ ବାତିଲ କରାଯାଇଛି। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ହୋଇଥିବା ହିଂସାତ୍ମକ ଆନ୍ଦୋଳନ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍‌ଲାଇନ ରାଇଡ୍-ହେଲିଂ ଆପ୍ ଚାଳକମାନଙ୍କର ଏହି ବେଆଇନ ପ୍ରତିବାଦ ଏବଂ ରାସ୍ତା ଅବରୋଧ ପରେ ସରକାର ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପରିବହନ ବିଭାଗ ପକ୍ଷରୁ ୩୫୪ଟି ଅଟୋର ପରମିଟ୍ ସସପେଣ୍ଡ କରାଯିବା ସହ ସେଗୁଡ଼ିକର ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ ମଧ୍ୟ ବାତିଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଆନ୍ଦୋଳନ ସମୟରେ ପୋଲିସ ସହ ଧସ୍ତାଧସ୍ତି ଓ ହିଂସାକାଣ୍ଡ ଘଟାଇବା ଅଭିଯୋଗରେ ୧୧୫ ଜଣ ଚାଳକଙ୍କୁ ଗିରଫ କରାଯାଇଥିଲା ଏବଂ ସମସ୍ତ ୩୫୪ଟି ଗାଡ଼ିକୁ ପୋଲିସ ଜବତ କରି ରିଜର୍ଭ ଗ୍ରାଉଣ୍ଡରେ ରଖିଛି। ଗିରଫ ଚାଳକଙ୍କ ମଧ୍ଯରୁ କିଛି ଜଣ ଜାମିନରେ ମୁକୁଳିଛନ୍ତି । ସ...

## ଓଡ଼ିଶାରେ ଖୁବଶୀଘ୍ର ଗଡ଼ିବ 'ଭାରତ ଟ୍ୟାକ୍ସି'; ଶସ୍ତାରେ ମିଳିବ କ୍ୟାବ୍ ସେବା, ଓଲା-ଉବରକୁ ଦେବ ଟକ୍କର




**Deepak Mahapatra, Bhubaneswar।** ଭୁବନେଶ୍ୱର: ଓଡ଼ିଶାରେ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି 'ଭାରତ ଟ୍ୟାକ୍ସି' ସେବା। ଯାତ୍ରୀଙ୍କୁ ସୁଲଭ ଓ ସୁରକ୍ଷିତ କ୍ୟାବ୍ ସେବା ଯୋଗାଇବା ସହ ଚାଳକଙ୍କୁ ଏକ ସଂଗଠିତ ରୋଜଗାର ପ୍ଲାଟଫର୍ମ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ସହକାରୀ ମଡେଲରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ବିଧାନସଭାରେ ଲିଖିତ ଉତ୍ତର ଦେଇ ସହକାର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୂଚନା ଦେଇଛନ୍ତି ଯେ, କେନ୍ଦ୍ର ସହକାର ମନ୍ତ୍ରଣାଳୟ ପକ୍ଷରୁ ୫ ଫେବୃଆରୀ ୨୦୨୬ରେ ଆରମ୍ଭ ହୋଇଥିବା 'ଭାରତ ଟ୍ୟାକ୍ସି' ପଦକ୍ଷେପକୁ ଓଡ଼ିଶାରେ ଲାଗୁ କରିବା ପାଇଁ ଆବଶ୍ୟକ ଆଇନଗତ ଓ ପ୍ରଶାସନିକ ପ୍ରକ୍ରିୟା ଚାଲିଛି। ମନ୍ତ୍ରୀଙ୍କ କହିବା ଅନୁସାରେ, ମାର୍ଚ୍ଚ ମାସରେ ସହକାର ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ସେଥିରେ 'ଭାରତ ଟ୍ୟାକ୍ସି'ର ପରିଚାଳନା ବ୍ୟବସ୍ଥା, ସହକାରୀ ସମିତିଗୁଡ଼ିକର ଭୂମିକା ଏବଂ ରାଜ୍...

## ପାରଦ୍ୱୀପରେ ଆଶ୍ରୟ ନେଇଛନ୍ତି ୩୧୯ ଜଣ ଆନ୍ଧ୍ର ମତ୍ସ୍ୟଜୀବୀ



**Deepak Mahapatra।** ପାରାଦ୍ୱୀପ: ଗଭୀର ଅବପାତ ଯୋଗୁଁ ସମୁଦ୍ର ଅଶାନ୍ତ ରହିଛି । ତେଣୁ ପାରଦ୍ୱୀପରେ ପଶି ରହିଛନ୍ତି ୩୦୦ରୁ ଉର୍ଦ୍ଧ୍ୱ ଆନ୍ଧ୍ର ପ୍ରଦେଶ ମତ୍ସ୍ୟଜୀବୀ । ସମସ୍ତେ ସରୁକ୍ଷିତ ଥିବା ଜଣାପଡ଼ିଛି । ଅବପାତ ଯୋଗୁଁ ଆନ୍ଧ୍ର ପ୍ରଦେଶର ମତ୍ସ୍ୟଜୀବୀମାନେ ଉପକୂଳକୁ ଫେରି ପାରିନଥିଲେ । ସେଥିପାଇଁ ନିକଟସ୍ଥ ପାରାଦ୍ୱୀପ ଉପକୂଳକୁ ଚାଲି ଆସିଥିଲେ । ପାରାଦୀପ ପୋର୍ଟରେ ୩୬ଟି ମାଛଧରା ଟ୍ରଲର ସୁରକ୍ଷିତ ଆଶ୍ରୟ ନେଇଛନ୍ତି । ଏହି ଟ୍ରଲରଗୁଡ଼ିକରେ ଥିବା ୩୧୯ ଜଣ ମତ୍ସ୍ୟଜୀବୀ ମଧ୍ୟ ସୁରକ୍ଷିତ ଭାବେ ଆଶ୍ରୟ ନେଇଛନ୍ତି । ପାଣିପାଗ ବିଭାଗ ୨୫ ତାରିଖ ଯାଏ ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯିବାକୁ ବାରଣ କରିଛି । ଗଭୀର ଅବପାତ ଫଳରେ ସମୁଦ୍ର ଅଶାନ୍ତ ରହିଛି । ପ୍ରାୟ ୫ ମିଟର୍ ଉପରକୁ ସମୁଦ୍ର ଉଠିଛି । ବଡ଼ ବଡ଼ ଲହଡ଼ି ସହିତ ପବନର ବେଗ ଅଧିକ ଥିବାରୁ ସତର୍କତା ଦୃଷ୍ଟିରୁ ମତ୍ସ୍ୟଜୀବୀଙ୍କୁ ନ ଯିବାକୁ ପରାମର୍ଶ...

## ଆଙ୍ଗନ କା ଉତ୍ସବ, ଗୁଡାରି

**PRADIP KUMAR PANDA।** ଅଙ୍ଗନ କା ଉତ୍ସବ – ପିତାମାନଙ୍କ ରନ୍ଧନ ପ୍ରତିଯୋଗିତା ତା. ୨୭.୦୯.୨୦୨୬ ରିଖ ଦିନ ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡ଼ାରୀ ଅନ୍ତର୍ଗତ ଶବର ସାହି ଅଙ୍ଗନବାଡ଼ି କେନ୍ଦ୍ରରେ "ଅଙ୍ଗନ କା ଉତ୍ସବ" କାର୍ଯ୍ୟକ୍ରମ ଅନ୍ତର୍ଗତ "ପିତାମାନଙ୍କ ରନ୍ଧନ ପ୍ରତିଯୋଗିତା" ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗୁଡ଼ାରୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ଶ୍ରୀମତୀ ଅନିତା ପାଣିଗ୍ରାହୀଙ୍କ ସମେତ ପରିଦର୍ଶିକା ଶ୍ରୀମତୀ ଅରୁନ୍ଧତୀ ଗରଡ଼ିଆ ଓ ଶ୍ରୀମତୀ ପଦ୍ମାବତୀ ଶବର ଉପସ୍ଥିତ ରହିଥିଲେ। ଉପସ୍ଥିତ ଅଧିକାରୀମାନେ "ପୋଷଣମୁକ୍ତ ଓଡ଼ିଶା, ସଶକ୍ତ ଓଡ଼ିଶା" ଗଠନର ଲକ୍ଷ୍ୟ ସମ୍ପର୍କରେ ଉପସ୍ଥିତ ପିତାମାତାମାନଙ୍କୁ ବିସ୍ତୃତ ଭାବେ ବୁଝାଇବା ସହ ସଚେତନ କରାଇଥିଲେ। ଏହି ରନ୍ଧନ ପ୍ରତିଯୋଗିତାରେ ଭାଗ ନେଇଥିବା ପିତାମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟକୁ ମାତୃ କମିଟି, ୱାର୍ଡ ମେମ୍ବର, ଅଙ୍ଗନବାଡ଼ି ମ୍ୟାନେଜମେଣ୍ଟ କ...

## ଗଭୀର ଅବପାତ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି, ୧୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ

**Deepak Mahapatra, Bhubaneswar।** ଭୁବନେଶ୍ୱର: ପଶ୍ଚିମ-କେନ୍ଦ୍ରୀୟ ଏବଂ ଏହାର ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ମଧ୍ୟରାତ୍ରରେ ଓଡ଼ିଶା ଓ ଆନ୍ଧ୍ର ଉପକୂଳରେ ସ୍ଥଳ ଭାଗ ଅତିକ୍ରମ କରିଛି । ପ୍ରାୟ ତିନି ଘଣ୍ଟା ଧରି ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଜାରି ରହିଥିଲା । ଏହାର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିଛି । ଦକ୍ଷିଣ, ଉତ୍ତର ଓ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି । ଆସନ୍ତା ୧୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତୀୟ ପାଣିପାଗ ବିଭାଗ ଆଲର୍ଟ ଜାରି କରିଛି । ଆଗାମୀ ଦୁଇ ଧରି ଲଗାଣ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଦକ୍ଷିଣାଞ୍ଚଳ ଜିଲ୍ଲା ଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି । ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଥିବାବେଳେ ଏକାଧିକ ପୋଲ ମଧ୍ୟ ବୁଡ଼ି ଥିବାର ସୂଚନା ରହି...

# ମାଲକାନଗିରିରେ ବର୍ଷାର ତାଣ୍ଡବ; NH-୩୨୬ର ୩ ପୋଲ ବୁଡ଼ିଲା, ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ



**Deepak Mahapatra।** ମାଲକାନଗିରି: ଗଭୀର ଅବପାତ ପ୍ରଭାବରେ ଲଗାଣ ବର୍ଷା ମାଲକାନଗିରି ଜିଲ୍ଲାରେ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ପାହାଡ଼ିଆ ଝରଣାର ପାଣି ଜାତୀୟ ରାଜପଥ-୩୨୬ର ଏକାଧିକ ପୋଲ ଉପରେ ପ୍ରବାହିତ ହେବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଫଳରେ ଦୁଇ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଛି। ସୂଚନା ଅନୁଯାୟୀ, ମାଲକାନଗିରି-କାଲିମେଳା ରାସ୍ତାର ପୋଟେରୁ ଓ କାଙ୍କୁରୁକୋଣ୍ଡା ପୋଲ ଉପରେ ୨ରୁ ୩ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ସେହିପରି କାଲିମେଳା-ପଡ଼ିଆ ରାସ୍ତାର କନ୍ୟାଶ୍ରମ ପୋଲ ଉପରେ ପ୍ରାୟ ୩ ଫୁଟ ପାଣି ବହୁଛି। ଏହାର ପ୍ରଭାବରେ ମାଲକାନଗିରିରୁ କାଲିମେଳା, ମୋଟୁ ଏବଂ କାଲିମେଳାରୁ ପଡ଼ିଆକୁ ସମସ୍ତ ଯାନଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଜରୁରୀ ସେବା ସମେତ ସାଧାରଣ ଯାତ୍ରୀମାନେ ମଧ୍ୟ ରାସ୍ତାରେ ଅଟକି ରହିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପୋଲଗୁଡ଼ିକ...

# ରାସନ କାର୍ଡରୁ କଟିଲାଣି ପ୍ରାୟ ୧୦ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ନାଁ: ଆଗକୁ ଆହୁରି ବାଦ୍ ପଡ଼ିବେ!



**Deepak Mahapatra, Bhubaneswar।** ଭୁବନେଶ୍ୱର: ଓଡ଼ିଶାରେ ରାସନ କାର୍ଡ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ପାଇଁ ରାଜ୍ୟ ସରକାରଙ୍କ ବଡ଼ ଧରଣର ଅଭିଯାନ ଜାରି ରହିଛି। ବିଧାନସଭାରେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଲିଖିତ ଉତ୍ତରରୁ ରାସନ କାର୍ଡ ସମ୍ପର୍କିତ ଏକ ବଡ଼ ସତ୍ୟ ସାମ୍ନାକୁ ଆସିଛି। ରାଜ୍ୟରେ ଏପର୍ଯ୍ୟନ୍ତ ପ୍ରାୟ ୧୦ ଲକ୍ଷ ଅଯୋଗ୍ୟ ଏବଂ ମୃତ ହିତାଧିକାରୀଙ୍କୁ ରାସନ କାର୍ଡରୁ ବାଦ୍ ଦିଆଯାଇଛି। ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରୁ ମୋଟ ୯ ଲକ୍ଷ ୮୧ ହଜାର ୬୬୧ ଜଣ ଅଯୋଗ୍ୟ ଓ ଭୂତ ହିତାଧିକାରୀଙ୍କ ନାଁ ତାଲିକାରୁ କଟାଯାଇଛି। ଏହା ସହିତ ରାଜ୍ୟରେ ନୂତନ ରାସନ କାର୍ଡ ପାଇଁ ମୋଟ ୨୧ ଲକ୍ଷ ୮୭ ହଜାର ୮୫ ଟି ଆବେଦନ ଆସିଥିବାବେଳେ, ଏଯାବତ୍ ୧୬ ଲକ୍ଷ ୯୯ ହଜାର ୪୫୧ ଟି ଆବେଦନର ତଦାରଖ ଶେଷ ହୋଇଛି। ବର୍ତ୍ତମାନ ସୁଦ୍ଧା ଅବଶିଷ୍ଟ ୪ ଲକ୍ଷ ୫୭ ହଜାର ୬୩୪ ଟି ଆବେଦନ ପତ୍ରର କ୍ଷେତ୍ର ଯାଞ୍ଚ ପ...

# HLCA ୨.୪୭ ଲକ୍ଷ କୋଟି ଟଙ୍କାର ୨୭ଟି ମେଗା ପ୍ରକଳ୍ପକୁ ମଞ୍ଜୁରୀ, ୧୫ ଜିଲ୍ଲାରେ ସୃଷ୍ଟି ହେବ ୫୦ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି



**ଆଇଟି ଓ ଡାଟା ସେଣ୍ଟରର ୪ ପ୍ରମୁଖ ପ୍ରକଳ୍ପରେ ମୋଟ ୧ ଲକ୍ଷ ୪୨ହଜାର ୯୪୧ କୋଟି ଟଙ୍କା ବିନିଯୋଗ କରାଯିବ। ଏଥିରେ ହାଇ ଡେନସିଟି ଡାଟା...**

**Deepak Mahapatra, Bhubaneswar।** ଆଇଟି ଓ ଡାଟା ସେଣ୍ଟରର ୪ ପ୍ରମୁଖ ପ୍ରକଳ୍ପରେ ମୋଟ ୧ ଲକ୍ଷ ୪୨ହଜାର ୯୪୧ କୋଟି ଟଙ୍କା ବିନିଯୋଗ କରାଯିବ। ଏଥିରେ ହାଇ ଡେନସିଟି ଡାଟା ସେଣ୍ଟର ଲିମିଟେଡ୍ ପକ୍ଷରୁ ଖୋର୍ଦ୍ଧାରେ ୧,୦୪,୫୫୦କୋଟି ଟଙ୍କା ବ୍ୟୟରେ ଏକ ସମନ୍ୱିତ ଡାଟା ସେଣ୍ଟର ପାର୍କ ନିର୍ମାଣ ହେବ।ରାଜ୍ୟରେ ୨ଲକ୍ଷ ୪୭ହଜାର ୧୧୫କୋଟି ଟଙ୍କାର ୨୭ଟି ବୃହତ୍ ପ୍ରକଳ୍ପକୁ ଆଜି ହାଇଲେଭଲ୍ କମିଟି (ଏଚଏଲସିଏ)ର ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୬ତମ ଏଚଏଲସିଏ ବୈଠକରେ ରାଜ୍ୟର ୧୫ଟି ଜିଲ୍ଲାରେ ଏହି ବୃହତ୍ ପ୍ରକଳ୍ପଗୁଡ଼ିକ ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ପ୍ରାୟ ୫୦୧୬୨ ଜଣ କୁଶଳୀ ତଥା ଅଣକୁଶଳୀ ଯୁବକଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।କେବଳ ପାରମ୍ପରିକ ଖଣି ଓ ଇସ୍ପାତ ନୁହେଁ, ବରଂ ଡାଟା ସେଣ୍ଟର, କୃତ୍ରି...

# ପାହାଡ଼ ଧସରେ ଭୁଶୁଡ଼ିଲା ରେଳ ଟ୍ରାକ୍, ୩ ଟ୍ରେନ୍ ବାତିଲ୍; ଯାତ୍ରୀଙ୍କ ପାଇଁ ମାଗଣା ବସ୍



**Deepak Mahapatra।** କୋରାପୁଟ: ଲଗାତାର ପ୍ରବଳ ବର୍ଷା ଓ ଝଡ଼ୋ ପବନ କୋରାପୁଟ ଜିଲ୍ଲାର ରେଳ ପରିବହନ ବ୍ୟବସ୍ଥାକୁ ଗୁରୁତର କ୍ଷତି ପହଞ୍ଚାଇଛି। ମାଲିଗୁଡା-ଛତ୍ରିପୁଟ ରେଳ ସେକ୍ସନରେ ପାହାଡ଼ ଧସିବା ସହ ଟ୍ରାକ୍ ଉପରେ ବିପୁଳ ପରିମାଣର ମାଟି ଜମିଯାଇଛି। ସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିଛି, କାରଣ ଏକ ବିଶାଳ ହାଇଭୋଲ୍ଟେଜ୍ ପାୱାର ଟ୍ରାନ୍ସମିସନ୍ ଟାୱାର ଭୁଶୁଡ଼ି ସିଧା ରେଳ ଲାଇନ୍ ଉପରେ ପଡ଼ିଛି। ପାହାଡ଼ ଧସିଲା, ଟ୍ରାକ୍ ତଳୁ ଖସିଗଲା ମାଟି ମୁଷଳଧାରା ବର୍ଷା ଯୋଗୁଁ ମାଲିଗୁଡା-ଛତ୍ରିପୁଟ ରୁଟ୍‌ର ପାହାଡ଼ିଆ ଢାଳରେ ମାଟି ଅତଡ଼ା ଧୋଇଯିବାରୁ ରେଳ ଟ୍ରାକ୍‌ର ଭିତ୍ତି ଦୁର୍ବଳ ହୋଇପଡ଼ିଛି। ଅନେକ ସ୍ଥାନରେ ଭୂସ୍ଖଳନ ଘଟିଥିବାବେଳେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ମାଲିଗୁଡା ଷ୍ଟେସନ୍ ନିକଟରେ ଥିବା ଭାରୀ ବିଦ୍ୟୁତ୍ ଟାୱାରଟି ମାଟି ଧସିବା ଓ ପବନର ପ୍ରଭାବରେ ଭାଙ୍ଗି ରେଳ କରିଡର ଉପରେ ଲୁହା ହୋଇଛ...

## ଅତିବର୍ଷା ଯୋଗୁଁ କଳିଙ୍ଗ ଘାଟିରେ ରାସ୍ତା ତଳକୁ ଧସିଲା, ଯାତାୟାତ ବିପଦଜ୍ଜନକ

**Deepak Mahapatra।** ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଅତିବର୍ଷା ଯୋଗୁଁ ଭଞ୍ଜନଗରରୁ ଜି. ଉଦୟଗିରି (କନ୍ଧମାଳ ଜିଲ୍ଲା) ପର୍ଯ୍ୟନ୍ତ ଯାଉଥିବା ୧୧ କିଲୋମିଟର ଲମ୍ବା କଳିଙ୍ଗ ଘାଟି ରାସ୍ତାର ରାସ୍ତା ତଳକୁ ଧସିଯାଇଛି। ଅନ୍ଧାରକୋଟ ନିକଟରେ ଏକ ନବ ନିର୍ମିତ ଦୁର୍ଗା ମନ୍ଦିର ସମ୍ମୁଖରେ ରାସ୍ତା ଭାଙ୍ଗିଯିବା ଯୋଗୁଁ ରାସ୍ତାର ଏକ ବଡ଼ ଅଂଶ ବିପଦଜ୍ଜନକ ହୋଇପଡ଼ିଛି। ପାହାଡ଼ ଉପରୁ ଅତ୍ୟଧିକ ବର୍ଷା ଜଳର ପ୍ରବାହ ଯୋଗୁଁ ଏହି ପରିସ୍ଥିତି ଉପୁଜିଛି, ଯାହାଫଳରେ ପ୍ରାୟ ୨୦୦ ମିଟର ପର୍ଯ୍ୟନ୍ତ ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ଏହି ଘଟଣା ପରେ କଳିଙ୍ଗ ଘାଟିରେ କୌଣସି ବି ରାସ୍ତା ଧସିଯିବାର ଆଶଙ୍କା ଲାଗି ରହିଛି, ଯାହାଯୋଗୁଁ ଯାତ୍ରୀମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଯାଇଛି। ଏହା ପୂର୍ବରୁ ମଧ୍ୟ ଏହି ଅଞ୍ଚଳରେ ରାସ୍ତା ଧସିଯିବାର ଘଟଣା ଘଟିସାରିଛି। ଏହି ବିପଦକୁ ଦୃଷ୍ଟିରେ ରଖି, ସରକାର ବର୍ଷା ଋତୁ ଆରମ୍ଭ ହେବା ପୂର୍ବ...

## ସ୍ଥଳଭାଗ ଅତିକ୍ରମ କଲା ଗଭୀର ଅବପାତ, ତୁହାକୁ ତୁହା ବର୍ଷା ଜାରି



**Deepak Mahapatra, Bhubaneswar।** କଳିଙ୍ଗପଟ୍ଟନମ୍ ନିକଟରେ ସ୍ଥଳଭାଗ ଅତିକ୍ରମ କଲା ଗଭୀର ଅବପାତ । ରାତି ପ୍ରାୟ ସାଢ଼େ ୧୧ଟାରେ ଗଭୀର ଅବପାତ ଅତିକ୍ରମ କରିଥିବାର ସୂଚନା ମିଳିଛି । ପ୍ରାୟ ୩ ଘଣ୍ଟା ଧରି ଜାରି ରହିଥିଲା ଲ୍ୟାଣ୍ଡଫଲ୍ ପ୍ରକ୍ରିୟା । ପବନ ବେଗ ଘଣ୍ଟା ପ୍ରତି ସର୍ବାଧିକ ୫୫ରୁ ୬୫ କିମି ରହିଥିଲା । ଆଉ ଝଟ୍‌କା ପବନର ବେଗ ଘଣ୍ଟା ପ୍ରତି ୭୫ କିଲୋମିଟର ରହିଥିଲା । ଲ୍ୟାଣ୍ଡଫଲ୍ ସମୟରେ ପ୍ରାୟ ୫ ମିଟର ମାଡ଼ି ଆସିଥିଲା ସମୁଦ୍ର । ଏହାର ପ୍ରଭାବରେ ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା । ଉପକୂଳ ସମେତ ସାରା ଓଡ଼ିଶାରେ ତୁହାକୁ ତୁହା ବର୍ଷା ଜାରି ରହିଛି । ଆସନ୍ତା ୧୨ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତୀୟ ପାଣିପାଗ ବିଭାଗ କହିଛନ୍ତି । ଅତ୍ୟନ୍ତ ମନ୍ଥର ଗତିରେ ଆଗକୁ ବଢୁଛି ଗଭୀର ଅବପାତ । ଗତ ୬ ଘଣ୍ଟାରେ ଘଣ୍ଟା ପ୍ରତି ୩ କିମି ବେଗରେ ଅଗ୍ରସର ହେଉଛ ଅବପାତ । ଆଜି ସନ୍ଧ୍ୟା ମଧ୍ୟରେ କୋରାପ...

## ଅଶାନ୍ତ ସମୁଦ୍ର; ପାରାଦୀପ ପୋର୍ଟରେ ଆଶ୍ରୟ ନେଲେ ୩୬ ଟି ଆନ୍ଧ୍ର ମାଛଧରା ଟ୍ରଲର

**Deepak Mahapatra।** ଅଶାନ୍ତ ସମୁଦ୍ରରେ ନିଜ ରାଜ୍ୟକୁ ଫେରିନପାରି ୩୬ଟି ମାଛଧରା ଟ୍ରଲର ପାରାଦୀପ ପୋର୍ଟରେ ଆଶ୍ରୟ ପାଇଁ ଅନୁମତି ଚାହିଁଥିଲେ । ଯେଉଁଥିରେ ୩୧୯ ଜଣ ମତ୍ସ୍ୟଜୀବୀ ରହିଥିଲେ । ଅନୁମତି ମିଳିବା ପରେ ପ୍ରଥମେ ୨୮ ଓ ପରେ ଆଉ ୮ଟି ଟ୍ରଲର ପାରାଦୀପ ପୋର୍ଟରେ ଆଶ୍ରୟ ପାଇଁ ପହଞ୍ଚିଥିଲେ।ଗଭୀର ଅବପାତ ସ୍ଥଳଭାଗ ଛୁଇଁବା ପୂର୍ବରୁ ସମୁଦ୍ର ଅଶାନ୍ତ ରହିଛି । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ମାଛ ଧରିବା ପାଇଁ ଯିବାକୁ ମନା କରିଥିଲେ । କିନ୍ତୁ କିଛି ମତ୍ସ୍ୟଜୀବୀ ପ୍ରଶାସନର ସତର୍କ କରିବା ପୂର୍ବରୁ ସମୁଦ୍ର ଭିତରେ ରହିଯାଇଥିଲେ । ଅଶାନ୍ତ ସମୁଦ୍ରରେ ନିଜ ରାଜ୍ୟକୁ ଫେରିନପାରି ୩୬ଟି ମାଛଧରା ଟ୍ରଲର ପାରାଦୀପ ପୋର୍ଟରେ ଆଶ୍ରୟ ପାଇଁ ଅନୁମତି ଚାହିଁଥିଲେ । ଯେଉଁଥିରେ ୩୧୯ ଜଣ ମତ୍ସ୍ୟଜୀବୀ ରହିଥିଲେ ।ଅନୁମତି ମିଳିବା ପରେ ପ୍ରଥମେ ୨୮ ଓ ପରେ ଆଉ ୮ଟି ଟ୍ରଲର ପାରାଦୀପ ପୋର୍ଟରେ...

## ବନ୍ୟା ଜଳ ପ୍ରବେଶ ଯୋଗୁଁ ନୟାଗଡ଼ ଜିଲ୍ଲାର ଅନେକ ଗାଁରେ ବନ୍ୟା, ଜନଜୀବନ ଅସ୍ତବ୍ୟସ୍ତ

**Deepak Mahapatra।** ଓଡ଼ିଶାର ନୟାଗଡ଼ ଜିଲ୍ଲାରେ ବନ୍ୟା ଜଳ ପ୍ରବେଶ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବଡ଼ ପାଣ୍ଡୁସୁର ଗାଁ ଏବଂ ଆଖପାଖ ଅଞ୍ଚଳର ଅନେକ ଗାଁରେ ଘର ଭିତରେ ପାଣି ପଶିଯାଇଛି, ଯାହାଫଳରେ ଲୋକମାନେ ପାନୀୟ ଜଳର ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବନ୍ୟା ଯୋଗୁଁ ଧନଜୀବନର ବ୍ୟାପକ କ୍ଷୟକ୍ଷତି ହୋଇଛି। ସ୍ଥାନୀୟ ଲୋକମାନଙ୍କ ମତରେ, ଗାଁ ନିକଟରେ ପ୍ରବାହିତ କୁସୁମ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇଛି। ଉପର ଅଞ୍ଚଳରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଏହି ପାଣି ଗାଁରେ ବ୍ୟାପିଯାଇଛି। ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ଅନେକ ଘରେ ପାଣି ପଶିଯାଇଛି, ଯାହାଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନ୍ୟା ଜଳ ବିଦ୍ୟାଳୟ, ମନ୍ଦିର ଏବଂ ସ୍ଥାନୀୟ ଡାକ୍ତରଖାନା ପର୍ଯ୍ୟନ୍ତ ପହଞ୍ଚିଯାଇଛି, ଯାହାଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକାରିତା ଉପରେ ମଧ୍ୟ ପ୍ର...

# ଶିଆଳି ଓ ରାମତରାରେ କୂଳ ଲଙ୍ଘିଲା ସମୁଦ୍ର, ଚାଷ ଜମି ଓ ନଦୀରେ ପଶିଲା ଲୁଣି ପାଣି



**Deepak Mahapatra।** ଜଗତସିଂହପୁର ଜିଲ୍ଲା ଶିଆଳି ଓ ରାମତରା ନିକଟରେ କୂଳ ଲଙ୍ଘିଲା ସମୁଦ୍ର । ରାମତରା ମୀରା ସି-ବିଚ୍‌ରେ ବାଲି ବସ୍ତା ଭାଙ୍ଗି ୧୦୦ ଫୁଟର ବିରାଟ ଘାଇ ସୃଷ୍ଟି ହୋଇଛି । ଗତବର୍ଷ ମଧ୍ୟ ଠିକ୍ ଏହି ସ୍ଥାନରେ ଘାଇ ହୋଇଥିଲା । ଏବେ ପୁଣିଥରେ ବାଲି ବସ୍ତା ଭାଙ୍ଗି ସେହି ସ୍ଥାନରେ ଘାଇ ସୃଷ୍ଟି ହୋଇଛି । କୂଳ ଲଙ୍ଘିବା ଫଳରେ ସମୁଦ୍ରର ଲୁଣା ପାଣି ସିଧାସଳଖ ନଦୀ ଏବଂ ଚାଷ ଜମିରେ ପଶିଯାଇଛି । ଚାଷ ଜମିରେ ଲୁଣା ପାଣି ମାଡ଼ିଯିବା ଯୋଗୁଁ ବ୍ୟାପକ ଫସଲ ନଷ୍ଟ ହେବା ନେଇ ଆଶଙ୍କା ବଢ଼ିଯାଇଛି । ସମୁଦ୍ରର ଏହି ଉଗ୍ର ରୂପ ଦେଖି ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି । ଲଘୁଚାପ ଯୋଗୁଁ ତିନି ଦିନ ହେଲା ଏଠାରେ ସମୁଦ୍ର ଅଶାନ୍ତ ରହିଛି । ଅନ୍ୟପକ୍ଷରେ କଳିଙ୍ଗପଟ୍ଟନମ୍ ନିକଟରେ ସ୍ଥଳଭାଗ ଅତିକ୍ରମ କରିଛି ଗଭୀର ଅବପାତ । ରାତି ପ୍ରାୟ ସାଢ଼େ ୧୧ଟାରେ ଗଭୀର ଅବପାତ ଅତିକ୍ରମ କରିଥିବାର...

## ଓଡ଼ିଶାର ନୟାଗଡ଼ ଜିଲ୍ଲାରେ ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି, ମନ୍ଦିର ଓ କ୍ଷେତ୍ର ବୁଡ଼ିଗଲା



**Deepak Mahapatra।** ଓଡ଼ିଶାର ନୟାଗଡ଼ ଜିଲ୍ଲାର ବଡ଼ ପାଣ୍ଡୁସୁରା ଗାଁରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗାଁ ନିକଟରେ ପ୍ରବାହିତ କୁସୁମ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇବା ଯୋଗୁଁ ସମଗ୍ର ଗାଁ ପାଣିରେ ବୁଡ଼ିଯାଇଛି। ଏହି ବନ୍ୟା ଯୋଗୁଁ ଲୋକମାନଙ୍କ ସମ୍ପତ୍ତିର ବ୍ୟାପକ କ୍ଷୟକ୍ଷତି ହୋଇଛି। ବନ୍ୟା ଯୋଗୁଁ ଗାଁର ପ୍ରତିଷ୍ଠିତ ଭଗବାନ ଉଗ୍ରେଶ୍ୱର ମହାଦେବ ମନ୍ଦିର ସମେତ ସ୍ଥାନୀୟ ଦେବାଦେବୀଙ୍କ ମନ୍ଦିରଗୁଡ଼ିକରେ ମଧ୍ୟ ପାଣି ପଶିଯାଇଛି, ଯାହାଫଳରେ ପୂଜାର୍ଚ୍ଚନାରେ ବାଧା ଉପୁଜୁଛି। ପାଣିର ଜଳସ୍ତର ବୃଦ୍ଧି ଯୋଗୁଁ ସାପ ଏବଂ ଅନ୍ୟ ବନ୍ୟ ଜନ୍ତୁମାନଙ୍କ ଭୟ ମଧ୍ୟ ରହିଛି। ବନ୍ୟା ଜଳ କ୍ଷେତ୍ରରେ ମଧ୍ୟ ପଶିଯିବା ଯୋଗୁଁ ଚାଷୀମାନଙ୍କ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଛି। ସ୍ଥାନୀୟ ଚାଷୀମାନେ ସରକାରଙ୍କ ଠାରୁ ଏହି କ୍ଷୟକ୍ଷତିର ଭରଣା ପାଇଁ ଦାବି କରିଛନ୍ତି।

## ଭଦ୍ରକରେ ବିପଦ ସଙ୍କେତ ଟପିଲା ବୈତରଣୀ: ଜଳକା ନଦୀ ଫୁଲୁଛି, ବସ୍ତାରେ ବନ୍ୟା ଆଶଙ୍କା

**Deepak Mahapatra।** ଭୁବନେଶ୍ୱର: ରାଜ୍ୟରେ ଲଗାଣ ବର୍ଷା ଜାରି ରହିଥିବାବେଳେ ଏବେ ବିଭିନ୍ନ ନଦୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିବାରେଲାଗିଛି। ଭଦ୍ରକ ଜିଲ୍ଲାରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଆଖୁଆପଦାଠାରେ ବୈତରଣୀର ବିପଦ ସଙ୍କେତ ୧୮.୩୩ ମିଟର ରହିଥିବାବେଳେ, ବର୍ତ୍ତମାନ ଏହା ୧୮.୩୫ ମିଟର ଉପରେ ପ୍ରବାହିତ ହେଉଛି। ସେହିପରି ଆନନ୍ଦପୁରଠାରେ ମଧ୍ୟ ବୈତରଣୀର ଜଳସ୍ତର ସତର୍କ ସଙ୍କେତକୁ ଟପିଯାଇଛି। ଏଠାରେ ସତର୍କ ସଙ୍କେତ ୩୭.୪୪୫ ମିଟର ଥିବାବେଳେ ବର୍ତ୍ତମାନ ଜଳସ୍ତର ୩୭.୫୮୦ ମିଟରରେ ପହଞ୍ଚିଛି। ଅନ୍ୟପଟେ ବାଲେଶ୍ୱର ଜଳେଶ୍ୱରରେ ଜଳକା ନଦୀର ବନ୍ୟା ଜଳ ମଧ୍ୟ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଥାନୀଠାରେ ଜଳକାର ବିପଦ ସଙ୍କେତ ୬.୫୦ ମିଟର ଥିବା ବେଳେ ବର୍ତ୍ତମାନ ଏହା ବୃଦ୍ଧି ପାଇ ୬.୭୭ ମିଟରରେ ରହିଛି। ଜଳକା ନଦୀରେ ବନ୍ୟାଜଳ ବୃଦ୍ଧି ପାଇବା...

# ଚିଲିକା ମଝିରେ ଅଘଟଣ; ପ୍ରବଳ ବର୍ଷା ପବନରେ ଡଙ୍ଗାରୁ ଖସିପଡ଼ିଲେ ମତ୍ସ୍ୟଜୀବୀ



**Deepak Mahapatra।** ଚିଲିକା ମଝିରେ ଅଘଟଣ । ମାଛ ଧରୁଥିବା ବେଳେ ଚାଲିଗଲା ମତ୍ସ୍ୟଜୀବୀଙ୍କ ଜୀବନ । ଘଟଣା ଘଟିଛି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଅଂଳାକୁଦା ଗାଁରେ । ମାଛ ଧରୁଥିବା ବେଳେ ପ୍ରବଳ ବର୍ଷା ପବନରେ ଡଙ୍ଗାରୁ ଖସି ପଡ଼ିଥିଲେ ୬୫ ବର୍ଷୀୟ ମୂଳିଆ ପରିଡ଼ା ।ରାତି ଅନ୍ଧାରରେ କିଛି ଜଣା ପଡ଼ିନଥିଲା। ଘର ଲୋକେ ତାଙ୍କୁ ଖୋଜିବା ପରେ ଘଟଣା ଜଣାପଡ଼ିଥିଲା। କିଛି ସମୟ ପରେ ମୃତଦେହ ଚିଲିକା ପାଣିରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ ସ୍ଥାନୀୟ ମତ୍ସ୍ୟଜୀବୀ । ଭୟଙ୍କର ପବନ ଓ ବର୍ଷାରେ ମାଛଧରିବା ତାଙ୍କ ପାଇଁ କାଳ ସାଜିଥିଲା। ମୃତ ଖବର ଜାଣିବା ପରେ ତାଙ୍କ ପରିବାରରେ ଶୋକାକୂଳ ପରିସ୍ଥିତି ଉପୁଜିଛୁ ।

# କାଙ୍କରକୋଣ୍ଡା ପୋଲ ଉପରେ ୩ ଫୁଟ୍ ପାଣି

**Deepak Mahapatra।** ମାଲକାନଗିରି ଜିଲ୍ଲାରେ ଗତ ଦୁଇ ଦିନ ହେବ ଲଗାଣ ବର୍ଷା ଲାଗି ରହିଛି । ବର୍ଷାର ପ୍ରଭାବରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏବେ ଜଳବନ୍ଦି ସ୍ଥିତି ଉପୁଜିଛି । ଲଗାଣ ବର୍ଷା ଫଳରେ ୩୨୬ ନମ୍ବର ଜାତୀୟ ରାଜପଥର କାଙ୍କରକୋଣ୍ଡା ପୋଲ ଉପରେ ପ୍ରାୟ ୩ ଫୁଟ୍‌ର ପାଣି ପ୍ରବାହିତ ହେଉଛି । ସେହିପରି କାଲିମେଳା-ପଡ଼ିଆ ରାସ୍ତାର କନ୍ୟାଶ୍ରମ ପୋଲ ଉପରେ ମଧ୍ୟ ପ୍ରାୟ ୩ ଫୁଟ୍‌ର ପାଣି ଚାଲୁଛି । ଫଳରେ ୩୨୬ ନମ୍ବର ଜାତୀୟ ରାଜପଥରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି । ମାଲକାନଗିରିରୁ କାଲିମେଳା ଏବଂ କାଲିମେଳାରୁ ପଡ଼ିଆ ମଧ୍ୟରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଛି । ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ନଦୀ ଓ ନାଳର ଜଳସ୍ତର ମଧ୍ୟ ଧୀରେ ଧୀରେ ବଢ଼ୁଛି । ପାଙ୍ଗାମ ଓ ପଟେରୁ ସମେତ ବିଭିନ୍ନ ପୋଲ ନିକଟରେ ପାଣି ପ୍ରବାହିତ ହେଉଛି । ବର୍ଷା ଏଭଳି ଜାରି ରହିଲେ ଆଗକୁ ଜିଲ୍ଲାର ଅନେକ ଅଞ୍ଚଳରେ ଜଳବନ୍ଦି ସ୍ଥିତି ଆ...

# ପ୍ରବଳ ବର୍ଷାରେ ଧୋଇହେଲା କନ୍ଧମାଳ କଳିଙ୍ଗା ଘାଟୀର ଅନ୍ଧାରକୋଟ ନିକଟ ନିର୍ମାଣଧୀନ ଗାର୍ଡୱାଲ ।



**Deepak Mahapatra।** ପ୍ରବଳ ବର୍ଷାରେ ଧୋଇହେଲା କନ୍ଧମାଳ କଳିଙ୍ଗା ଘାଟୀର ଅନ୍ଧାରକୋଟ ନିକଟ ନିର୍ମାଣଧୀନ ଗାର୍ଡୱାଲ । ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଜି.ଉଦୟଗିରି ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ରାସ୍ତା ଫାଟିବା ସହ ଗାର୍ଡୱାଲ ଧସି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । କଳିଙ୍ଗା ଘାଟୀର ସଂକୀର୍ଣ୍ଣ ରାସ୍ତାକୁ ଓସାର କରିବା ପାଇଁ ନିର୍ମାଣ କାମ ଚାଲିଥିବା ବେଳେ ବର୍ଷାରେ ଏହି ଅଘଟଣ ଘଟିଛି । ବର୍ଷା ଆହୁରି ଜାରି ରହିଲେ ଘାଟୀର ସ୍ଥିତି ଗୁରୁତର ହେବା ସହ ଭୂସ୍ଖଳନ ଆଶଙ୍କା ବଢ଼ିପାରେ । ଯାତାୟାତ ଓ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି ।

# ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ରାଜତ୍ୱର ୭୧ଅଙ୍କ ପ୍ରଚଳନ, ଶ୍ରୀନଅରରେ ପାଳନ ହେଲା ସୁନିଆଁ ଉତ୍ସବ



**ପୁରୀ : ବୁଧବାର ସୁନିଆଁ ଉତ୍ସବ ଅବସରରେ ଶ୍ରୀକ୍ଷେତ୍ର ପୁରୀର ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ରାଜତ୍ୱର ୭୧ ଅଙ୍କ ପ୍ରଚଳନ...**

**Deepak Mahapatra।** ପୁରୀ : ବୁଧବାର ସୁନିଆଁ ଉତ୍ସବ ଅବସରରେ ଶ୍ରୀକ୍ଷେତ୍ର ପୁରୀର ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ରାଜତ୍ୱର ୭୧ ଅଙ୍କ ପ୍ରଚଳନ ହୋଇଛି। ଉତ୍କଳୀୟ ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ବା ସୁନିଆଁ ଦିନଠାରୁ ଗଜପତି ମହାରାଜାଙ୍କ ନୂତନ ରାଜତ୍ୱ ବର୍ଷ ବା 'ଅଙ୍କ' ଗଣନା କରାଯାଇଥାଏ। ଏହି ଦିନ ଶ୍ରୀନଅରରେ ସ୍ୱତନ୍ତ୍ର ନୀତିକାନ୍ତି ଓ ବନ୍ଦାପନା ଅନୁଷ୍ଠିତ ହେବା ସହ ନୂତନ ସାଲ୍‌ର ପ୍ରଚଳନ ହୁଏ। ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ୧୯୭୦ ମସିହା ଜୁଲାଇ ୭ ତାରିଖରେ ସିଂହାସନ ଆରୋହଣ କରିଥିଲେ। ସେହି ହିସାବରେ ଏହା ତାଙ୍କ ଶାସନର ୫୭ତମ ବର୍ଷ। ପାରମ୍ପରିକ ଅଙ୍କ ଗଣନା ପଦ୍ଧତିରେ କିଛି ସଂଖ୍ୟାକୁ ବାଦ୍ ଦିଆଯାଏ। ଏହି ନିୟମ ଅନୁସାରେ ୨ ରେ ଶେଷ ହେଉଥିବା ସଂଖ୍ୟା (ଯେପରିକି ୨, ୧୨, ୨୨...), ୦ ରେ ଶେଷ ହେଉଥିବା ସଂଖ୍ୟା (୧୦, ୨୦, ୩୦...) ଏବଂ କେବଳ...

# Urban Election ପୌର ନିର୍ବାଚନ ପ୍ରସ୍ତୁତି: ପୁଣି ବଦଳିଲା ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ତାରିଖ, ନଭେମ୍ବର ୩୦ରେ ଚୂଡ଼ାନ୍ତ ତାଲିକା



**Deepak Mahapatra, Bhubaneswar।** ନୂଆ କାର୍ଯ୍ୟସୂଚୀ ଅନୁସାରେ ୯୯ଟି ପୌରପାଳିକା ଓ ଏନଏସି କ୍ଷେତ୍ରରେ ସମ୍ପୃକ୍ତ ଜିଲ୍ଲାପାଳମାନେ ଆସନ୍ତା ଅକ୍ଟୋବର ୧୨ ତାରିଖରେ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ପର୍କିତ ଚିଠା ବିଜ୍ଞପ୍ତି ପ୍ରକାଶ କରି ଜନସାଧାରଣଙ୍କଠାରୁ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରିବେ।ରାଜ୍ୟର ପୌରାଂଚଳ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ପାଇଁ ପୁଣିଥରେ ସଂଶୋଧିତ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି ରାଜ୍ୟ ସରକାର । ପୂର୍ବରୁ ଅକ୍ଟୋବର ୩୧ ସୁଦ୍ଧା ସମଗ୍ର ପ୍ରକ୍ରିୟା ସାରି ଚୂଡ଼ାନ୍ତ ବିଜ୍ଞପ୍ତି ଜାରି କରିବାକୁ ଦିନଧାର୍ଯ୍ୟ କରିଥିବାବେଳେ ଆଜି ଆଉ ଏକ ମାସ ବୃଦ୍ଧି କରି ନଭେମ୍ବର ୩୦ ତାରିଖ କରିଛନ୍ତି । ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୌଦ୍ଧ ଜିଲ୍ଲାକୁ ବାଦ୍ ଦେଇ ରାଜ୍ୟର ୯୯ଟି ପୌରପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦ (ଏନଏସି) ସମେତ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ଭଳି ୪ଟି...

# କଳିଙ୍ଗା ଘାଟି ଅନିର୍ଦ୍ଧିଷ୍ଟ କାଳ ପାଇଁ ବନ୍ଦ



**Deepak Mahapatra।** କନ୍ଧମାଳ: ରାଜ୍ୟରେ ଗଭୀର ଅବପାତରେ ପ୍ରଭାବରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି । ଦକ୍ଷିଣ ଓଡ଼ିଶାରେ ମୂଷଳ ଧାରାରେ ବର୍ଷା ସହିତ ପବନର ବେଗ ଅଧିକ ରହିଛି । ପ୍ରବଳ ବର୍ଷା ଓ ଭୂସ୍ଖଳନ ଆଶଙ୍କା ଥିବାରୁ କଳିଙ୍ଗା ଘାଟିରେ ଯାତାୟାତ ଉପରେ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି। ଆଜି କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଆଦେଶନାମା ଅନୁଯାୟୀ, ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସୂଚନା ଅନୁସାରେ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହା ଦ୍ୱାରା ଗାର୍ଡ ୱାଲ୍ ନଷ୍ଟ ଓ ଭୂସ୍ଖଳନ ଭୟ ରହିଛି । ପ୍ରବଳ ବର୍ଷାରେ କଳିଙ୍ଗା ଘାଟିର ଅନ୍ଧାରିକୋଟ ନିକଟରେ ଥିବା ସୁରକ୍ଷା ପ୍ରାଚୀର (ଗାର୍ଡ ୱାଲ୍) ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି, ଯାହା ଫଳରେ ସେଠାରେ ଭୂସ୍ଖଳନ ହେବାର ଆଶଙ୍କା ଦେଖାଦେଇଛି। ଯେକୌଣସି ଅପ୍ରୀତିକର ପରିସ୍ଥିତି...

# ପ୍ରବଳ ବର୍ଷା ପାଇଁ ଆଉ ଏକ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା



**Deepak Mahapatra।** ଜିଲ୍ଲାପାଳଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶରେ କୁହାଯାଇଛି ଯେ ଗତକାଲିଠାରୁ ନୂଆପଡ଼ା ଜିଲ୍ଲାରେ ଲଗାତାର ଭାବେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେଉଥିବା ବେଳେ ଭାରତୀୟ ପାଣିପାଗ ବିଭାଗ (IMD) ଆଜି ଏହି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି।ଲ୍ଲାପାଳଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶରେ କୁହାଯାଇଛି ଯେ ଗତକାଲିଠାରୁ ନୂଆପଡ଼ା ଜିଲ୍ଲାରେ ଲଗାତାର ଭାବେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେଉଥିବା ବେଳେ ଭାରତୀୟ ପାଣିପାଗ ବିଭାଗ (IMD) ଆଜି ଏହି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ତେଣୁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ବିଦ୍ୟାଳୟଗୁଡ଼ିକୁ ଶନିବାର (୨୭.୦୯.୨୦୨୬) ଛୁଟି ଘୋଷଣା କରାଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ସମସ୍ତ ଅଧ୍ୟକ୍ଷ/ପ୍ରଧାନ...

# ଚତୁର୍ଥ ଦିନ ବି ଗୃହ ଅଚଳ: ସର୍ବଦଳୀୟ ବୈଠକ ବିଫଳ, ଏମଏମଡିଆର ପ୍ରସଙ୍ଗରେ ଶାସକ-ବିରୋଧୀ ମୁହାମୁହିଁ

**Deepak Mahapatra, Bhubaneswar।** ଏମଏମଡିଆର ପ୍ରସଙ୍ଗରେ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନଙ୍କ ହଟ୍ଟଗୋଳ ଯୋଗୁ ଗୃହ ଚାଲିପାରୁନଥିବାବେଳେ ଅପରାହ୍ନରେ ଉପବାଚସ୍ପତି ଡାକିଥିବା ସର୍ବଦଳୀୟ ବୈଠକ ମଧ୍ୟ ବିଫଳ ହୋଇଛି। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନକାଳ, ଶୂନ୍ୟକାଳ ଓ ଅନ୍ୟାନ୍ୟ ଗୃହ କାର୍ଯ୍ୟ ସମ୍ଭବପର ହୋଇପାରିନାହିଁ।ବିଧାନସଭା ମୌସୁମୀ ଅଧିବେଶନ ଆଜି କ୍ରମାଗତ ଚତୁର୍ଥ ଦିନ ବି ଗୃହ କାର୍ଯ୍ୟ ଚାଲିପାରିନାହିଁ । ଏମଏମଡିଆର ପ୍ରସଙ୍ଗରେ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନଙ୍କ ହଟ୍ଟଗୋଳ ଯୋଗୁ ଗୃହ ଚାଲିପାରୁନଥିବାବେଳେ ଅପରାହ୍ନରେ ଉପବାଚସ୍ପତି ଡାକିଥିବା ସର୍ବଦଳୀୟ ବୈଠକ ମଧ୍ୟ ବିଫଳ ହୋଇଛି। ଏମଏମଡିଆର ଆକ୍ଟ ସଂଶୋଧନ ପ୍ରତ୍ୟାହାର ଦାବିରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନକାଳ, ଶୂନ୍ୟକାଳ ଓ ଅନ୍ୟାନ୍ୟ ଗୃହ କାର୍ଯ୍ୟ ସମ୍ଭବପର ହୋଇପାରିନାହିଁ । ଏହି ପ୍ରସଙ୍ଗକୁ ନେଇ ସରକାରଙ୍କ ଉପରେ ଚାପ ସୃଷ୍ଟି କରି...

# ନିଆଳି ପନିର ଅପମିଶ୍ରଣ; ବଦଳିଲେ ଖାଦ୍ୟ ସୁରକ୍ଷା ଅଧିକାରୀ

**Deepak Mahapatra, Cuttack।** ନିଆଳି ପନିର ଅପମିଶ୍ରଣ ଘଟଣାର ରିପୋର୍ଟ ହରିୟାଣା ଲ୍ୟାବରୁ ଆସିବା ପରେ ସରକାରଙ୍କ ବଡ଼ ଆକ୍ସନ । କଟକ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅମିତା ଦାସଙ୍କ ବଦଳି ନିର୍ଦ୍ଦେଶ ଦେଲେ ସରକାର । ସେ ନିଆଳି ଅଞ୍ଚଳର ଖାଦ୍ୟ ସୁରକ୍ଷା ଅଧିକାରୀ ଭାବରେ ଦାୟିତ୍ୱରେ ଥିଲେ । ନିଜ ଦାୟିତ୍ୱରେ ଅବହେଳା ପାଇଁ ସରକାର ତାଙ୍କର ବଦଳି ନିର୍ଦ୍ଦେଶ ଦେଇଛନ୍ତି । ହରିୟାଣା ଲ୍ୟାବ୍‌ରୁ ରିପୋର୍ଟ ମିଳିବା ପରେ ଜଣାପଡ଼ିଲା ନିଆଳି ପନିରର ସତ । କଟକ ନିଆଳି ପନିର୍‌ରେ ମିଶୁଛି ମଇଦା ଓ ଡିଟରଜେଣ୍ଟ । ପ୍ରାଥମିକ ରିପୋର୍ଟରୁ ନିଆଳି ପନିର ଅପମିଶ୍ରିତ ନେଇ ସ୍ପଷ୍ଟ କରିଛନ୍ତି କଟକ ମହାନଗର ନିଗମ (KMC) ସ୍ୱାସ୍ଥ୍ୟ ଅଧିକାରୀ। ଜବତ ୭୩ କ୍ୱିଣ୍ଟାଲ ପନିରର ନମୁନା ଟେଷ୍ଟ ପାଇଁ ହରିୟାଣା ପଠାଯାଇଥିଲା। ସେଠାରୁ ରିପୋର୍ଟ ଆସିଛି । ଏହି ରିପୋର୍ଟ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନରଙ୍କ ହସ୍ତଗତ ହୋଇଛି । ପ୍ରାଥମିକ ତଦନ୍ତରୁ ନିଆ...